## NFSA'2013 ଅଧୀନରେ ହିତାଧିକାରୀଙ୍କ ରେସନକାର୍ଡ଼ ପାଇଁ ଆବେଦନ ପତ୍ର
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

e ବିତରଣ Bitaran Odisha

### A. For Office Use Only

NPR ପରିବାର କୋଡ୍

1. ଫର୍ମ ନଂ
2. ଯୋଡ଼ାଯାଇ ଥିବା ଅତିରିକ୍ତ ଫର୍ମ ସଂଖ୍ୟା
3. କେନ୍ଦ୍ରର ଅବସ୍ଥିତି
4. କେନ୍ଦ୍ର କୋଡ୍
5. Verifying Official ଙ୍କ ନାମ ଓ ପଦବୀ

### B. ଠିକଣା

| | | ଯୋଗାଯୋଗ (ବର୍ତ୍ତମାନ) | ସ୍ଥାୟୀ |
|---|---|---|---|
| 1.ରାଜ୍ୟ | | | |
| 2.ଜିଲ୍ଲାର ନାମ | | | |
| 3.ବ୍ଲକର ନାମ | ସହରାଞ୍ଚଳର ନାମ | | |
| 4.ଗ୍ରାମପଞ୍ଚାୟତ ର ନାମ | ୱାର୍ଡ଼ ନମ୍ବର | | |
| 5.ଗ୍ରାମ/ପଲ୍ଲୀ ର ନାମ | ସ୍ଥାନୀୟ ଅଞ୍ଚଳର ନାମ | | |
| 6. ପ୍ଲଟ ନମ୍ବର | ହୋଲ୍ଡିଂ ନମ୍ବର(ସହରାଞ୍ଚଳ) | | |
| 7.ପିନ୍ କୋଡ୍ | | | |

8.କେତେ ଦିନ ହେଲା ବର୍ତ୍ତମାନ ଠିକଣାରେ ରହୁଛନ୍ତି ☐☐ ବର୍ଷ ☐☐ ମାସ

### C. Ration Card & FPS Details

1. ଆପଣଙ୍କର ରେସନ କାର୍ଡ଼ ଅଛି କି ହଁ ☐ ନା ☐

2. ଯଦି "ହଁ" (i) ତେବେ କେଉଁ ପ୍ରକାରର କାର୍ଡ଼ ଅଛି (AAY/BPL/APL/PLO/RORC) (ii) କାର୍ଡ଼ ନମ୍ବର

3. ଏଠାରେ ଉଲ୍ଲେଖ କରନ୍ତୁ ଆପଣ ବର୍ତ୍ତମାନ କେଉଁ କଣ୍ଟ୍ରୋଲ୍ ଦୋକାନରୁ ସାମଗ୍ରୀ ନେଉଛନ୍ତି (ଯଦି ବର୍ତ୍ତମାନ କାର୍ଡ଼ ଥାଏ) ବା ନେବାକୁ ଚାହୁଁଛନ୍ତି (ଯଦି ଆପଣଙ୍କୁ କାର୍ଡ଼ ମିଳେ)

| କ୍ର.ସଂଖ୍ୟା | ସାମଗ୍ରୀ | ସରକାରୀ କଣ୍ଟ୍ରୋଲ ଦୋକାନର ନାମ | କଣ୍ଟ୍ରୋଲ ଦୋକାନର (FPS) କୋଡ୍ |
|---|---|---|---|
| 1 | ଚାଉଳ | | |
| 2 | ଗହମ (APL) | | |
| 3 | କିରୋସିନି | | |

4. ଯଦି ଆପଣ ବର୍ତ୍ତମାନର କଣ୍ଟ୍ରୋଲ୍ ଦୋକାନ ବଦଳାଇବାକୁ ଚାହୁଁଛନ୍ତି, ତେବେ ନୂଆ କଣ୍ଟ୍ରୋଲ ଦୋକାନର ନାମ ଓ କୋଡ୍ ଲେଖନ୍ତୁ

5. ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ଆଗାମୀ ଦିନରେ ଆପଣ କେଉଁ ଖାଦ୍ୟ ସାମଗ୍ରୀ ନେବାକୁ ଚାହୁଁଛନ୍ତି (@ 5kg ଜଣ ପିଛା ପ୍ରତି ମାସରେ) ? ନିମ୍ନରେ ଦିଆଯାଇଥିବା ଘରେ (✓) ଚିହ୍ନ ମାରନ୍ତୁ।

☐ (a) କେବଳ ଚାଉଳ (5 kg)
☐ (b) ଚାଉଳ (4 kg) ଏବଂ ଗହମ (1 kg)
☐ (c) ଚାଉଳ (3 kg) ଏବଂ ଗହମ (2 kg)
☐ (d) ଚାଉଳ (2 kg) ଏବଂ ଗହମ (3 kg)
☐ (e) ଚାଉଳ (1 kg) ଏବଂ ଗହମ (4 kg)
☐ (f) କେବଳ ଗହମ (5 kg)

*Turn over to fill out rest of the application form.*

# NFSA'2013 ଅଧୀନରେ ହିତାଧିକାରୀଙ୍କ ରେସନକାର୍ଡ଼ ପାଇଁ ଆବେଦନ ପତ୍ର

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

e ବିତରଣ Bitaran Odisha

## D. ଆବେଦନକାରୀଙ୍କ ପରିବାର ସଦସ୍ୟଙ୍କ ବିବରଣୀ

| କ୍ର.ନଂ | ସମ୍ପୂର୍ଣ୍ଣ ନାମ | ଲିଙ୍ଗ (M/F/T) | ଜନ୍ମ ତାରିଖ (DD/MM/YYYY) | ପରିବାରର ମୁଖ୍ୟଙ୍କ ସହିତ ସମ୍ପର୍କ | ଭୋଟର ପରିଚୟପତ୍ର ନମ୍ବର | ଆଧାର ନମ୍ବର କିମ୍ବା ଆଧାର enrollment ID ନମ୍ବର | ବାପାଙ୍କ ନାମ | ପତି/ପତ୍ନୀଙ୍କ ନାମ |
|---|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) | (9) |
| 1 | | | | | | | | |
| 2 | | | | | | | | |
| 3 | | | | | | | | |
| 4 | | | | | | | | |
| 5 | | | | | | | | |
| 6 | | | | | | | | |

## E. ଅନ୍ୟାନ୍ୟ ବିବରଣୀ

1.(a) ଆବେଦନ କାରୀଙ୍କ ନାମ ____ 1.(b) D(1) ରୁ କ୍ର.ନଂ ସୂଚିତ କରନ୍ତୁ ☐☐

| କିମ୍ବା (ମୁଖ୍ୟ)-ଆପଣଙ୍କର ଅଛି କି ? | ଉତ୍ତର (ହଁ ବା ନାଁ) | ଯଦି ହଁ, ତେବେ କାହା ନାମରେ ? D(1) ରୁ କ୍ର.ନଂ ସୂଚିତ କରନ୍ତୁ (ଅନ୍ୟଥା ସେକ୍ଷେତ୍ରରେ ସମ୍ପୂର୍ଣ୍ଣ ନାମ ଲେଖନ୍ତୁ) | ବିଦ୍ୟୁତ ବା LPG ସେବା ଯୋଗାଣକାରୀ କମ୍ପାନୀର ନାମ | | ବିଦ୍ୟୁତ ବିଭାଜନ ବା LPG ବିତରକଙ୍କ ନାମ | | Electric ବା LPG Consumer Number |
|---|---|---|---|---|---|---|---|
| 2 ବିଦ୍ୟୁତ ସଂଯୋଗ ? (ଅନ୍ୟ ଘରେ ରହୁଥିଲେ ମଧ୍ୟ ଘରମାଲିକଙ୍କ ନାମ ଲେଖନ୍ତୁ) | | | ବିତରକ କମ୍ପାନୀ | | ବିଦ୍ୟୁତବିଭାଜନ | | |
| 3 ରାନ୍ଧଣା ଗ୍ୟାସ ? | | | ତୈଳ କମ୍ପାନୀ | | LPG ବିତରକ | | |

4. ମୋବାଇଲ ନମ୍ବର ☐☐☐☐☐☐☐☐☐☐ 4A ମୋବାଇଲ ବ୍ୟବହାର କରୁଥିବା ବ୍ୟକ୍ତିଙ୍କର D(1) ରେ କ୍ର.ନଂ ସୂଚିତ କରନ୍ତୁ ☐☐

5. ଆପଣଙ୍କ ପରିବାର ସ୍ୱୟଂଚାଳିତ (Auto Inclusion) ମାନଦଣ୍ଡର ଅନ୍ତର୍ଭୁକ୍ତ କି ? ☐ ହଁ ☐ ନାହିଁ

6A. ଯଦି ହଁ, ତେବେ Auto Inclusion ମାନଦଣ୍ଡ କୋଡ଼ ସୂଚିତ କରନ୍ତୁ ☐ 6B Auto Inclusion ପାଇଁ D(1) ରୁ କ୍ର.ନଂ ସୂଚିତ କରନ୍ତୁ ☐☐

6. ଆବେଦନପତ୍ର ସହ ଦାଖଲ କରିଥିବା ଦସ୍ତାବିଜର ବିବରଣ (i) ବାସସ୍ଥାନର ପ୍ରମାଣପତ୍ର ____ (ii) ପରିଚୟ ପ୍ରମାଣପତ୍ର ____ (iii) ସ୍ୱୟଂଚାଳିତ ମାନଦଣ୍ଡର ପ୍ରମାଣପତ୍ର (ଯଦି ଥାଏ ତେବେ) ____

## F. Declaration

1. ମୁଁ ଘୋଷଣା କରୁଛି ଯେ, ସରକାରଙ୍କ ବିଜ୍ଞପ୍ତି ସଂଖ୍ୟା 11642/FSCW dt 17/07/2014 ରିଖ ରେ ଥିବା ଆଠଟି (8) ବାଦ ଦେବା ମାନଦଣ୍ଡରେ ମୋର ପରିବାର ଅନ୍ତର୍ଭୁକ୍ତ ନୁହଁ / ମୋ ପରିବାର ବାଦଦେବା ମାନଦଣ୍ଡ ଅନ୍ତର୍ଭୁକ୍ତ ହେଲେ ମଧ୍ୟ ସ୍ୱୟଂଚାଳିତ (Auto Inclusion) ମାନଦଣ୍ଡ ଅଧୀନସ୍ଥ ହେତୁ ମୁଁ ରେସନ କାର୍ଡ଼ ପାଇଁ ଆବେଦନ କରୁଛି।

2. ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ସୂଚନା ମୋ ଜ୍ଞାନ ଅନୁସାରେ ଠିକ୍ ଅଟେ। ଏଥିପାଇଁ ମୁଁ ଦାୟୀ ରହିବି।

.................................................. Signature of AW Worker/ULB functionary

.................................................. LTI/ Signature of Applicant

## ନୂଆ ରେସନ କାର୍ଡ଼ ନିମିତ୍ତ ଆବେଦନ ପତ୍ର ଦାଖଲ ପାଇଁ ଅଗ୍ରିମ ଟୋକନ୍

୧. ପଞ୍ଜିକରଣ କେନ୍ଦ୍ରର ଅବସ୍ଥିତି : ____________ ୨. କୋଡ୍ ନଂ : | | | | | | | |

୩. ଫର୍ମ ନମ୍ବର : | | | | | ୪. ଆବେଦନ ପତ୍ର ଦାଖଲ କରିବାର ତାରିଖ : | | | | |2|0|1| |
DD MM YYYY

(ପଞ୍ଜିକରଣ ସମୟରେ ପ୍ରଦାନ କରାଯିବ)

୫. ଆବେଦନ କାରୀଙ୍କ ନାମ : ________________________

୬. ପ୍ରାପ୍ତି ସ୍ୱୀକାର ପତ୍ର ପ୍ରଦାନ ତାରିଖ : | | | | |2|0|1| |
DD MM YYYY

(ଆବେଦନ ପତ୍ର ଦାଖଲ ସମୟରେ ପ୍ରଦାନ କରାଯିବ)

Verifying Official ଙ୍କ ସ୍ୱାକ୍ଷର
କୋଡ୍

## ନୂଆ ରେସନ କାର୍ଡ଼ ପାଇଁ ଆବେଦନ ପତ୍ର ପୂରଣ କରିବାର ସୂଚନା ପତ୍ର

୧. ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅଧୀନରେ ନୂତନ ରେସନକାର୍ଡ଼ ପାଇବାକୁ ଯୋଗ୍ୟ ପରିବାର (ଯେଉଁ ପରିବାର ୮ଟି ବାଦଦେବା ମାନଦଣ୍ଡ ଅନ୍ତର୍ଗତ ହୋଇନଥିବେ ବା ୫ଗୋଟି ସ୍ୱତଃ ଯୋଗଦେବା ମାନଦଣ୍ଡର ଯେକୌଣସି ଗୋଟିଏ ମାନଦଣ୍ଡ ପୂରଣ କରୁଥିବେ) ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବେ। ଫର୍ମଟି ଓଡ଼ିଆରେ ପୂରଣ ହେବ ଏବଂ ସଂଖ୍ୟା ଗୁଡ଼ିକ ଇଂରାଜୀରେ ଲେଖାଯିବ।

୨. ଭାଗ ସଂଖ୍ୟା - **A** : ଏହା ପଞ୍ଜିକରଣ କେନ୍ଦ୍ରରେ ଅଧିକାରୀ ପୂରଣ କରିବେ।

୩. ଭାଗ ସଂଖ୍ୟା - **B** : ଠିକଣା - ଏହି ବିଭାଗରେ ଆବେଦନକାରୀ ତାଙ୍କ ବର୍ତ୍ତମାନ ଓ ସ୍ଥାୟୀ ଠିକଣା ଉଲ୍ଲେଖ କରିବେ। ଆବେଦନକାରୀ ବର୍ତ୍ତମାନ ଯେଉଁଠାରେ ବାସ କରୁଥିବେ ତାହା ବର୍ତ୍ତମାନର ଠିକଣା ହେବ। ଯେଉଁଠାରେ ସମ୍ପୃକ୍ତ ପରିବାରର ଉତ୍ପତ୍ତି ସ୍ଥାନ ହୋଇଥିବ କିମ୍ବା ଯେଉଁଠାରେ ଆବେଦନକାରୀଙ୍କ ପରିବାର / ଏହାର ଏକ ଅଂଶ ବସବାସ କରୁଥିବେ, ତାହା ସେମାନଙ୍କର ସ୍ଥାୟୀ ଠିକଣା ହେବ। ଉଭୟ ବର୍ତ୍ତମାନ ଓ ସ୍ଥାୟୀ ଠିକଣା ସମାନ ହୋଇଥିଲେ, ସ୍ଥାୟୀ ଠିକଣା ପରେ "ସମାନ" ଲେଖାଯିବ। ଆବେଦନକାରୀଙ୍କ ତରଫରୁ ବର୍ତ୍ତମାନ ଠିକଣା ସପକ୍ଷରେ ପ୍ରମାଣ ପତ୍ର ଦାଖଲ କରିବାକୁ ହେବ। (ସହରାଞ୍ଚଳ ବାସିନ୍ଦାଙ୍କ ପାଇଁ "ସ୍ଥାନୀୟ ଅଞ୍ଚଳର ନାମ" ଲେଖିବା ଆବଶ୍ୟକ। ଯଥା : ସହିଦ ନଗର)

୪. ଭାଗ ସଂଖ୍ୟା - **C**

C.1 ଯଦି ଆବେଦନକାରୀଙ୍କ ପରିବାରର ବର୍ତ୍ତମାନ ରେସନକାର୍ଡ଼ ଥାଏ ତେବେ "ହଁ" ବାକ୍ସରେ ☐ "✓" ଚିହ୍ନ ମାରନ୍ତୁ, ଯଦି ନଥାଏ ତେବେ "ନାଁ" ବାକ୍ସରେ ☐ "✓" ଚିହ୍ନ ମାରନ୍ତୁ।

C.2(i) ଯଦି ରେସନ କାର୍ଡ଼ ଥାଏ, ତେବେ ଏହାର ପ୍ରକାର (**BPL / PLO / APL / AAY / RORC**) ମଧ୍ୟରୁ ଯେଉଁଟି ପ୍ରଯୁଜ୍ୟ ଲେଖନ୍ତୁ।

C.2(ii) ପରିବାର ପାଖରେ ଥିବା ରେସନ କାର୍ଡ଼ର ନମ୍ବର ଲେଖନ୍ତୁ।

C.3 ଯଦି ରେସନ କାର୍ଡ଼ ଅଛି, ତେବେ ବର୍ତ୍ତମାନ ଯେଉଁ କଣ୍ଟ୍ରୋଲ ଦୋକାନ (**FPS**) ରୁ କଣ୍ଟ୍ରୋଲ ସାମଗ୍ରୀ ନେଉଛନ୍ତି ତାହାର ନାମ ଲେଖନ୍ତୁ। ଯଦି କାର୍ଡ଼ ନାହିଁ, ଏବଂ ନୂଆ ଯୋଜନାରେ ପରିବାରକୁ କାର୍ଡ଼ ମିଳେ, ତେବେ କଣ୍ଟ୍ରୋଲ ଦୋକାନରୁ କେଉଁ କଣ୍ଟ୍ରୋଲ ସାମଗ୍ରୀ ନେବା ପାଇଁ ଚାହିଁବେ ତାହା ଲେଖନ୍ତୁ। ପ୍ରତ୍ୟେକ କେନ୍ଦ୍ରରେ କଣ୍ଟ୍ରୋଲ ଦୋକାନର ନାମ ଓ କୋଡ଼ର ତାଲିକା ଉପଲବ୍ଧ ହେବ। ଏହି ତାଲିକା ମଧ୍ୟ ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ପାଖରେ ମିଳିବ।

C.4 ଯଦି ଆପଣ ବର୍ତ୍ତମାନ ଯେଉଁ କଣ୍ଟ୍ରୋଲ ଦୋକାନରୁ କଣ୍ଟ୍ରୋଲ ସାମଗ୍ରୀ ନେଉଛନ୍ତି ତାହାକୁ ବଦଳାଇ ଆପଣଙ୍କ ଅଞ୍ଚଳର ଅନ୍ୟ କୌଣସି କଣ୍ଟ୍ରୋଲ ଦୋକାନରୁ କଣ୍ଟ୍ରୋଲ ସାମଗ୍ରୀ ନେବା ପାଇଁ ଚାହୁଁଛନ୍ତି, ତେବେ ସେହି ନୂତନ କଣ୍ଟ୍ରୋଲ ଦୋକାନର ନାମ ଏବଂ କୋଡ଼ ନମ୍ବର ଲେଖନ୍ତୁ।

C.5 ମାସକୁ ମୁଣ୍ଡପିଛା ୫ କି.ଗ୍ରା ଚାଉଳ କିମ୍ବା ଗହମ ମଧ୍ୟରୁ କେଉଁ ସାମଗ୍ରୀ କେତେ ପରିମାଣ ନେବା ପାଇଁ ଚାହୁଁଛନ୍ତି, ଫର୍ମରେ ଦିଆଯାଇଥିବା ଛଅଟି ପସନ୍ଦ (**Option**) ମଧ୍ୟରୁ ଗୋଟିଏ ବାଛି ତାହାର ବାମ ପାର୍ଶ୍ୱରେ ଥିବା ବାକ୍ସରେ ☐ "✓" ଚିହ୍ନ ଦିଅନ୍ତୁ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବର୍ତ୍ତମାନର ଅନ୍ତ୍ୟୋଦୟ ଯୋଜନା ହିତାଧିକାରୀ ପରିବାର ପୂର୍ବବତ ୩୫ କି.ଗ୍ରା ଚାଉଳ ପାଇବେ।

୫. ଭାଗ ସଂଖ୍ୟା - **D** : ଦରଖାସ୍ତକାରୀଙ୍କ ପରିବାରର ସଦସ୍ୟଙ୍କ ବିବରଣୀ : ଏହି ବିଭାଗରେ ପରିବାରର ସମସ୍ତ ସଦସ୍ୟଙ୍କ ପୁରାନାମ ସହ ଅନ୍ୟାନ୍ୟ ଆବଶ୍ୟକୀୟ ବିବରଣୀ ଉଲ୍ଲେଖ କରାଯିବ। ନୂତନ କାର୍ଡ଼ ପରିବାରର ବୟୋଜ୍ୟେଷ୍ଠ ମହିଳାଙ୍କ ନାମରେ ଦିଆଯିବ। ସେଥିପାଇଁ ପ୍ରଥମ କ୍ରମିକ ନମ୍ବରରେ ବୟୋଜ୍ୟେଷ୍ଠ ମହିଳାଙ୍କ ନାମ ଲେଖାଯିବ। ପରିବାରର ଅନ୍ୟ ସଦସ୍ୟଙ୍କ ନାମ କ୍ରମିକ ନମ୍ବର **2** ରୁ ଲେଖାଯିବ। ଏହି ବିଭାଗରେ ପରିବାରର ଛଅ ଜଣ ସଦସ୍ୟଙ୍କ ବିବରଣୀ ପାଇଁ ବ୍ୟବସ୍ଥା କରାଯାଇଛି। ପରିବାରରେ ୬'ରୁ ଅଧିକ ସଦସ୍ୟ ଥିଲେ, ସେ କ୍ଷେତ୍ରରେ ଆବଶ୍ୟକ ଅନୁସାରେ କେନ୍ଦ୍ରରେ ମିଳୁଥିବା ଅତିରିକ୍ତ ଫର୍ମ ବ୍ୟବହାର କରାଯିବ।

ସ୍ତମ୍ଭ **D (3)** ରେ ଲିଙ୍ଗ ପୁରୁଷ ହୋଇଥିଲେ **(M)**, ମହିଳା ହୋଇଥିଲେ **(F)** ଏବଂ ଅନ୍ୟାପ୍ରକାର ପାଇଁ **(T)** ଲେଖନ୍ତୁ।

ସ୍ତମ୍ଭ **D(4)** ରେ ଜନ୍ମ ତାରିଖ (**DD/MM/YYYY** ଅର୍ଥାତ ତାରିଖ, ମାସ ଓ ବର୍ଷ) ଲେଖାଯିବ। ଏହା ଇଂରାଜୀରେ ଲେଖାଯିବ।

ସ୍ତମ୍ଭ **D(5)** ରେ ପରିବାରର ବୟୋଜ୍ୟେଷ୍ଠ ମହିଳାଙ୍କ ସହ ସମ୍ପର୍କ - ଯଥା - ଶ୍ୱଶୁର, ସ୍ୱାମୀ, ପୁଅ, ଝିଅ, ସ୍ୱାମୀଙ୍କ ଭାଇ, ସ୍ୱାମୀଙ୍କ ଭାଇର ସ୍ତ୍ରୀ, ସ୍ୱାମୀଙ୍କ ଭଉଣୀ, ପୁଅର ପୁଅ, ପୁଅର ଝିଅ ଇତ୍ୟାଦି ଉଲ୍ଲେଖ କରାଯିବ।

ସ୍ତମ୍ଭ D(6) ରେ ଭୋଟର ପରିଚୟ ପତ୍ରର ନମ୍ବର ଲେଖାଯିବ ଓ ଏହାର ନକଲ ଦାଖଲ କରାଯିବ । ଯେଉଁ ସଦସ୍ୟଙ୍କର ଭୋଟର ପରିଚୟ ପତ୍ର ନଥିବ, ତାଙ୍କ ପାଇଁ ସେ ଘରଟି ଖାଲି ଛଡ଼ାଯିବ ।

ସ୍ତମ୍ଭ D(7) ରେ ପରିବାରର ସମ୍ପୃକ୍ତ ସଦସ୍ୟଙ୍କ **Aadhaar Card** ର ୧୨ ଅଙ୍କ ବିଶିଷ୍ଟ ନମ୍ବର ଲେଖାଯିବ । ଆଧାର କାର୍ଡ଼ ମିଳି ନଥିଲେ **Enrolment** ସମୟରେ ମିଳିଥିବା ରସିଦରେ ଲେଖାଥିବା ୧୪ ଅଙ୍କ ବିଶିଷ୍ଟ ନମ୍ବର (eID) ଲେଖାଯିବ । ଯେଉଁ ସଦସ୍ୟଙ୍କର ଏହି ନମ୍ବର ନଥିବ, ତାଙ୍କ ପାଇଁ ଏହି ସ୍ତମ୍ଭ ଖାଲି ଛଡ଼ାଯିବ । ଅତି କମରେ ପରିବାରର ଜଣେ ସଦସ୍ୟଙ୍କ ଆଧାର କାର୍ଡ଼ର ନକଲ କେନ୍ଦ୍ରରେ ଦେବା ନିହାତି ଦରକାର ଏବଂ ସେହି କାର୍ଡ଼ର ମୂଳକପି କେନ୍ଦ୍ର ଅଧିକାରୀଙ୍କୁ ଦେଖାଇବା ଦରକାର । ଯଦି ଆଧାର କାର୍ଡ଼ ନଥାଏ, ତେବେ ପରିବାରର ଯେ କୌଣସି ଜଣଙ୍କ ଭୋଟର ପରିଚୟ ପତ୍ର କିମ୍ବା ଡ୍ରାଇଭିଙ୍ଗ ଲାଇସେନ୍ସ ଦେଖାଇବା ଜରୁରୀ ଅଟେ ।

ସ୍ତମ୍ଭ D(8) D2 ର ପରିବାର ସଦସ୍ୟଙ୍କ ବାପାଙ୍କ ପୂରାନାମ ଲେଖାଯିବ ।

ସ୍ତମ୍ଭ D(9) D2 ର ପରିବାର ସଦସ୍ୟ ବିବାହିତ ଥିଲେ, ତାଙ୍କ ସ୍ୱାମୀ ବା ସ୍ତ୍ରୀଙ୍କ ନାମ ଲେଖାଯିବ ଯଥା - ପୁରୁଷ ବିବାହିତ ଥିଲେ ତାଙ୍କ ପତ୍ନୀଙ୍କ ନାମ ବା ମହିଳା ବିବାହିତା ଥିଲେ ତାଙ୍କ ପତିଙ୍କ ନାମ ଲେଖାଯିବ ।

୬. ଭାଗ ସଂଖ୍ୟା - E : ଅନ୍ୟାନ୍ୟ ବିବରଣୀ : ଏହି ବିଭାଗରେ

E1(a) ଦରଖାସ୍ତକାରୀଙ୍କ ନାମ : ପରିବାରର ଯେଉଁ ସଦସ୍ୟ ଜଣକ **digitisation** ପଞ୍ଜିକରଣ କେନ୍ଦ୍ରର ଉପସ୍ଥିତ ରହି ଆବେଦନ ପତ୍ର ପୂରଣ କରି ଦାଖଲ କରୁଛନ୍ତି, ତାଙ୍କର ପୂରା ନାମ ଲେଖାଯିବ । (ଏହି ନାମ ଉପରେ 'D' ଭାଗରେ ଲେଖାଥିବା ପରିବାରର ସଦସ୍ୟମାନଙ୍କ ମଧ୍ୟରୁ ଜଣେ ହୋଇଥିବେ ।)

E2 CESU / NESCO / WESCO / SOUTHCO ରୁ ଯେଉଁଟି ପ୍ରଯୁଜ୍ୟ ତାହା ଲେଖନ୍ତୁ । (ଭଡ଼ାଘର ହୋଇଥିଲେ ଘର ମାଲିକଙ୍କ ତଥ୍ୟ ଦେବା ଦରକାର ।

E3 ଯଦି ପରିବାରର LPG ସଂଯୋଗ ଥାଏ, ତେବେ ଗ୍ୟାସ୍ କନେକସନ୍ ସମ୍ବନ୍ଧରେ ତଥ୍ୟ ପାଇଁ କମ୍ପାନୀର Indane / HP / BP ଓ ବିତରକ ଭାବରେ ଆପଣ ଯାହା ଠାରୁ ଗ୍ୟାସ୍ ପାଉଛନ୍ତି ତାଙ୍କ ନାମ (ଯଥା "ଅଲକା") ଓ ଗ୍ୟାସ କନ୍‌ଜ୍ୟୁମର ନମ୍ବର ଲେଖନ୍ତୁ ।

E4 ଆବେଦନକାରୀ ପରିବାରର ସଦସ୍ୟମାନଙ୍କ ମଧ୍ୟରୁ ଯଦି କାହାର ମୋବାଇଲ୍ ଫୋନ୍ ଥାଏ, ତେବେ ତାହାକୁ ଏହି ବାକ୍ସରେ ଲେଖନ୍ତୁ ।

E5 ଯଦି ଆପଣଙ୍କ ପରିବାର ବାଦଦେବା ମାନଦଣ୍ଡରେ ଅନ୍ତର୍ଭୁକ୍ତ ଏବଂ ପରିବାର ବା ପରିବାରର ଯେ କୌଣସି ସଦସ୍ୟ ଯଦି ୫ଟିରୁ ଗୋଟିଏ ସ୍ୱତଃ ଯୋଗହେବା ମାନଦଣ୍ଡ ଅନ୍ତର୍ଭୁକ୍ତ ହୁଅନ୍ତି ଓ ଆପଣ ରେସନକାର୍ଡ଼ ଚାହାନ୍ତି ତେବେ E5 ର "ହଁ" ବାକ୍ସରେ ☐ "✓" ଚିହ୍ନ ମାରନ୍ତୁ, ଯଦି ନୁହନ୍ତି ତେବେ "ନାଁ" ବାକ୍ସରେ ☐ "✓" ଚିହ୍ନ ମାରନ୍ତୁ ।

ଯଦି "ହଁ" ତେବେ ଉପରୋକ୍ତ ୫ଟି ସ୍ୱତଃ ଯୋଗହେବା ମାନଦଣ୍ଡ ତାଲିକାରୁ ଯେଉଁଟି ପ୍ରଯୁଜ୍ୟ ସେହି କ୍ରମାଙ୍କ (୧ରୁ୫) ଏହି ବାକ୍ସରେ ଲେଖନ୍ତୁ ।

E6 (i) ବାସସ୍ଥାନ ପାଇଁ ଆବେଦନକାରୀ ଦେଇଥିବା ପ୍ରମାଣ ପତ୍ରର ନାମ ଲେଖନ୍ତୁ ।

ବାସସ୍ଥାନ ପାଇଁ ଗ୍ରହଣୀୟ ପ୍ରମାଣ ପତ୍ର :

୧. ବ୍ୟାଙ୍କ ପାସବହି, ୨. ପୋଷ୍ଟାଲ ପାସବହି, ୩. ରେସନ କାର୍ଡ଼, ୪. ଭୋଟର ପରିଚୟ ପତ୍ର (EPIC), ୫. ଡ୍ରାଇଭିଙ୍ଗ ଲାଇସେନ୍ସ (DL), ୬. ଇଲେକ୍ଟ୍ରି ବିଲ, ୭. ପାଣି ଯୋଗାଣ ବିଲ, ୮. ଲ୍ୟାଣ୍ଡ ଲାଇନ୍ ଟେଲିଫୋନ ବିଲ, ୯. ଜୀବନ ବୀମା ପଲିସି, ୧୦. ମନରେଗା ଜବ କାର୍ଡ଼, ୧୧. ପେନସନ୍ କାର୍ଡ଼, ୧୨. ବାର୍ଦ୍ଧକ୍ୟ ଭତ୍ତା କାର୍ଡ଼ / ବିଧବା ଭତ୍ତା କାର୍ଡ଼ / ଭିନ୍ନକ୍ଷମ କାର୍ଡ଼, ୧୩. ସ୍ୱାଧୀନତା ସଂଗ୍ରାମୀ କାର୍ଡ଼, ୧୪. ରେଜିଷ୍ଟ୍ରି ଭୁକ୍ତ ହୋଇଥିବା କୌଣସି ବିକ୍ରୀ ଦଲିଲ / ଲିଜ ଡ଼ିଡ଼୍ / ଭଡ଼ା ଚୁକ୍ତିନାମା, ୧୫. ସଂଯୋଗ ବିଲ ବା Consumer ବହି ।

(ii) ପରିଚୟ ପ୍ରମାଣ ପତ୍ର ପାଇଁ ଆବେଦନକାରୀ ଦେଇଥିବା ପ୍ରମାଣ ପତ୍ରର ନାମ ଲେଖନ୍ତୁ ।

ଗ୍ରହଣୀୟ ପରିଚୟ ପତ୍ର (EPIC)

୧. ଆଧାର, ୨. ଭୋଟର ପରିଚୟ ପତ୍ର (EPIC), ୩. ଡ୍ରାଇଭିଙ୍ଗ୍ ଲାଇସେନ୍ସ

ଯୋଗହେବା ମାନଦଣ୍ଡର ପ୍ରମାଣପତ୍ର (ଆବଶ୍ୟକ ସ୍ଥଳେ) :

୧. ଓ ୨. ସ୍ୱତଃ ଯୋଗହେବା ମାନଦଣ୍ଡ ପାଇଁ ବାସହୀନ ଓ ଭିକ୍ଷାବୃତ୍ତି ପ୍ରମାଣ ପତ୍ର ସ୍ଥାନୀୟ ସରପଞ୍ଚ ବା କର୍ପୋରେଟର/କାଉନସିଲରଙ୍କ ଠାରୁ ଆଣି ଦାଖଲ କରିପାରିବେ । ପରବର୍ତ୍ତୀ ସମୟରେ ଏହାକୁ ଯାଞ୍ଚ କରାଯାଇ କର୍ତ୍ତୃପକ୍ଷ ଦ୍ୱାରା ନିଷ୍ପତ୍ତି ନିଆଯିବ । ସେହିପରି ୩. PTG ପାଇଁ ଜାତିଗତ ପ୍ରମାଣପତ୍ର, ୪. ବିଧବା ଭତ୍ତା କାର୍ଡ଼ର ନକଲ ଏବଂ ୫. ଶାରିରୀକ ବିକଳାଙ୍ଗ ପ୍ରମାଣ ପତ୍ରର ନକଲ ଦାଖଲ କରିବେ ।

୭. ଭାଗ ସଂଖ୍ୟା : F - ଆପଣ ଫର୍ମରେ ଦେଇଥିବା ସମସ୍ତ ତଥ୍ୟ ଠିକ୍ ର ସ୍ୱୀକାର ସ୍ୱରୂପ ଫର୍ମରେ ଦସ୍ତଖତ କରିବେ କିମ୍ବା ଟିପ ଚିହ୍ନ ଦେବେ । ଆବେଦନ ପତ୍ର ପୂରଣରେ ସାହାଯ୍ୟ କରିଥିବା ପଞ୍ଜୀକରଣ କର୍ମୀଙ୍କ ଦସ୍ତଖତ ନିଆଯାଇପାରେ ।

## ୮ଗୋଟି ବାଦଦେବା ମାନଦଣ୍ଡ

୧. ପରିବାରର କୌଣସି ସଦସ୍ୟ ତିନି ଚକିଆ (୨ କିମ୍ବା ତତୋଧିକ) / ୪ ଚକିଆ ଭାରିଯାନ /ଯନ୍ତ୍ରଚାଳିତ ମାଛ ଧରା ଡ଼ଙ୍ଗାର ମାଲିକ ହୋଇଥିବେ ।

୨. ସଦସ୍ୟଙ୍କ ନାମରେ ଯନ୍ତ୍ରଚାଳିତ କୃଷି ଯନ୍ତ୍ରପାତି (ଟ୍ରାକ୍ଟର ବା ହାରଭେଷ୍ଟର) ରେଜିଷ୍ଟ୍ରିଭୁକ୍ତ ହୋଇଥିବ ।

୩. ପରିବାରର କୌଣସି ସଦସ୍ୟ କେନ୍ଦ୍ରସରକାର, ରାଜ୍ୟସରକାର, ସରକାରୀ ନିଗମ, ସରକାରୀ ଅନୁଦାନ ପ୍ରାପ୍ତ ସ୍ୱୟଂଶାସିତ ସଂସ୍ଥା କିମ୍ବା ପୌରପାଳିକା ସଂସ୍ଥା, ବେ ସରକାରୀ ସଂସ୍ଥା ଇତ୍ୟାଦି ର ସ୍ଥାୟୀ କର୍ମଚାରୀ ହୋଇଥିବେ ।

୪. ପରିବାରର ଯେ କୌଣସି ସଦସ୍ୟଙ୍କ ରେଜିଷ୍ଟ୍ରି ଭୁକ୍ତ ଉଦ୍ୟୋଗ (Enterprises) ଥିବ ।

୫. ପରିବାରର କୌଣସି ସଦସ୍ୟଙ୍କ ମାସିକ ଆୟ ଟ.୧୫,୦୦୦/- (ସହରାଞ୍ଚଳ ପାଇଁ) ଓ ଟ.୧୦,୦୦୦/-(ଗ୍ରାମାଞ୍ଚଳ ପାଇଁ)ରୁ ଅଧିକ ହୋଇଥିବ ।

୬. ପରିବାରର କୌଣସି ସଦସ୍ୟ ମାସିକ ଟ.୧୫,୦୦୦/- (ସହରାଞ୍ଚଳ ପାଇଁ) ଓ ଟ.୧୦,୦୦୦/- (ଗ୍ରାମାଞ୍ଚଳ ପାଇଁ) ବା ଅଧିକ ପେନସନ୍ ପାଉଥିବେ ।

୭. ପରିବାରର କୌଣସି ସଦସ୍ୟ ଆୟକର କିମ୍ବା ବୃତ୍ତିକର ଦେଉଥିବେ ।

୮. ପରିବାରରେ ୨ ବା ଅଧିକ କିଲୋୱାଟ୍ ବିଦ୍ୟୁତ୍ ସଂଯୋଗ ଲୋଡ୍ ଥିବ ଏବଂ ହାରାହାରି ମାସିକ ୩୦୦ ୟୁନିଟ୍ ରୁ ଅଧିକ ବିଦ୍ୟୁତ ଶକ୍ତି ବ୍ୟବହାର କରୁଥିବେ । (ବିଗତ ୧ ବର୍ଷର ହାରାହାରି)

## ୫ଗୋଟି ସ୍ୱତଃ ଯୋଗହେବା ମାନଦଣ୍ଡ

୧. ବାସ ହୀନ ପରିବାର ।

୨. ଭିକ୍ଷା ବୃତ୍ତି କରି ଜୀବନ ନିର୍ବାହ କରୁଥିବା ପରିବାର ।

୩. ସମସ୍ତ ଆଦିମ ଅଧିବାସୀ (Primitive Tribal Groups) ପରିବାର ସମୂହ ।

୪. ଯେଉଁ ପରିବାରରେ କୌଣସି ସଦସ୍ୟ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ବିଧବା ଭତ୍ତା ପାଉଥିବେ ।

୫. ଯେଉଁ ପରିବାରରେ କୌଣସି ସଦସ୍ୟ ଶତକଡ଼ା ୪୦ ଭାଗରୁ ଅଧିକ ଶାରିରୀକ ବିକଳାଙ୍ଗ ହୋଇଥିବେ ।

**ପ୍ରତି ପ୍ରକାର ପତ୍ର "www.foododisha.in" ର "e-Bitaran ବା NFSA 2013 ରେସନ କାର୍ଡ଼" link ରୁ ଡାଉନଲୋଡ୍ କରିହେବ ।**